ତଦନ୍ତ କରିବାକୁ ଯାଇ ପୋଲିସ ହଟହଟା

:-ପୂର୍ବ ଶତ୍ରୁତା ପାଇଁ ପୋଡି ଦେଲା ଜୀବନ ଜୀବିକା
:-ଦୀର୍ଘ ଦୁଇ ଘଣ୍ଟାରୁ ଉର୍ଦ୍ଧ ପୋଲିସ ଗାଡି ଅଟକ,
:-ଜଳିଗଲା ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ ଟଙ୍କାର ସାମଗ୍ରୀ

ଅସ୍ତରଙ୍ଗ(ଅମୃତ ମିଡିଆ): ବ୍ୟବସାୟ ରେ ବାଧା ଉପୁଜିବାରୁ ପ୍ରତିଦ୍ୱନ୍ଦୀ ବ୍ୟବସାୟୀ କରିଦେଲା ଅଭାବନୀୟ ଘଟଣା। ଯାହା ଫଳରେ ନିଜ ନାଗ ଫାସରେ ନିଜେ ଛନ୍ଦି ହୋଇଗଲା। ଅନ୍ୟ ପଟେ ତଦନ୍ତ କରିବାକୁ ଯାଇଥିବା ପୋଲିସ କୁ ଦୀର୍ଘ ୨ଘଣ୍ଟାରୁ ଉର୍ଦ୍ଧ ସମୟ ଅଟକ ରଖିଲେ ସ୍ଥାନୀୟ ଅଂଚଳର ଲୋକେ। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଳସାହି ପଂଚାୟତ ଅଧୀନ ଓଳିହାଁ ସ୍ଥିତ ଐଶାନେଶ୍ୱର ଶିବ ମନ୍ଦିର ସାମ୍ନାରେ ଉକ୍ତ ଗ୍ରାମର ପ୍ରଭାତ ବେହେରା ଓରଫ ପିଣ୍ଟୁ ନାମକ ଯୁବକ ପୂଜା ସାମଗ୍ରୀ ଦୋକାନ ସହ ଏକ ଭେରାଇଟି ଷ୍ଟୋର କରିଥିଲେ। କିନ୍ତୁ ଗୁରୁବାର ଦିନ ଦୋକାନ ସାମ୍ନାରେ ଥିବା ମନ୍ଦିର ପରିସରରେ ନାମଯଜ୍ଞ ହେଉଥିବାରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବ୍ୟବସାୟ କରି ରାତ୍ର ୧୧ଘଟିକାରେ ପ୍ରଭାତ ବେହେରା ଦୋକାନ ବନ୍ଦ କରି ନିଜ ସ୍ୱଗୃହ ଯାଇଥିଲେ। କିନ୍ତୁ ରାତ୍ର ୩ଘଟିକା ସମୟରେ କୌଣସି ବ୍ୟକ୍ତି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନିଆଁ ଲଗାଇଦେଇଥିବା ଜାଣି ଅସ୍ତରଙ୍ଗ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ଶୁକ୍ରବାର ପ୍ରତ୍ୟୁଷ ରେ ପହଂଚି ନିଆଁ କୁ ଆୟତ୍ତ କରିବା ମଧ୍ୟରେ ପ୍ରଭାତ ଓରଫ ପିଣ୍ଟୁ ଙ୍କ ଦୋକାନ ମଧ୍ୟରେ ଥିବା ୫ଲକ୍ଷ ରୁ ଉର୍ଦ୍ଧ ଟଙ୍କାର ସାମଗ୍ରୀ, ରେଫ୍ରିଜେଟର ସହ ବିଭିନ୍ନ ସରଞ୍ଜାମ ଜଳି ପୋଡି କ୍ଷଣିକ ମଧ୍ୟରେ ପାଉଁଶ ହୋଇଯାଇଥିଲା। ଏ ନେଇ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ବ୍ୟବସାୟୀ ପ୍ରଭାତ ବେହେରା ଓରଫ ପିଣ୍ଟୁ ଅସ୍ତରଙ୍ଗ ଥାନାରେ ସକାଳ ୭ଘ ୩୦ମିନିଟ ସମୟରେ ପହଂଚି ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗ କୁ ଭିତ୍ତି କରି ଅସ୍ତରଙ୍ଗ ଥାନା ଏସଆଇ ଅନିରୁଦ୍ଧ ଜାଲ୍ଲୀ ଓ ଏଏସଆଇ ପ୍ରଶାନ୍ତ ସାମନ୍ତରାୟ ଅଗ୍ନିକାଣ୍ଡ କ୍ଷତି ହୋଇଥିବା ଦୋକାନ ନିକଟରେ ପହଂଚି ସ୍ଥିତି ଅନୁଧ୍ୟାନ କରିବା ସହ ଅଗ୍ନିକାଣ୍ଡର ପାରିପାର୍ଶ୍ୱିକ ଘଟଣା ଜାଣିବା ପାଇଁ ନିକଟସ୍ଥ ବ୍ୟବସାୟୀ ଙ୍କ ସିସିଟିଭି ଯାଞ୍ଚ କରିବାକୁ ପ୍ରୟାସ କରିଥିଲେ। ପ୍ରତିଦ୍ୱନ୍ଦୀ ବ୍ୟବସାୟୀ ଦୋକାନ ବନ୍ଦ ରଖିଥିବାବେଳେ ଦୋକାନ ଖୋଲିବାକୁ ନେଇ ପ୍ରତିଦ୍ୱନ୍ଦୀ ବ୍ୟବସାୟୀ କୃଷ୍ଣଚନ୍ଦ୍ର ମହାନ୍ତି ଙ୍କ ପିତା ଚାବି ଖୋଲିବାକୁ ନେଇ କିଛି ସମୟ ଆଳ ଦେଖାଇଥିଲେ। କିଛି ସମୟ ମଧ୍ୟରେ ଐଶାନେଶ୍ୱର ମନ୍ଦିର ନିକଟରେ ଥିବା ପ୍ରଭାତ ବେହେରାଙ୍କ ପ୍ରତିଦ୍ୱନ୍ଦୀ ବ୍ୟବସାୟୀ କୃଷ୍ଣଚନ୍ଦ୍ର ମହାନ୍ତି ସିସିଟିଭି ହାର୍ଡଡିକ୍ସ ନେଇ ଖସି ପଳାଉଥିଲେ। ସେହି ସମୟରେ ଉପସ୍ଥିତ ଲୋକ ଦେଖିଥିଲେ ବିପକ୍ଷ ବ୍ୟବସାୟୀ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ଶରୀରରେ ଅନେକାଂଶ ପୋଡି ଯାଇଛି। ଯାହା ଫଳରେ ସନ୍ଦେହ ଉପୁଜିଥିଲା। କିନ୍ତୁ କୃଷ୍ଣଚନ୍ଦ୍ର ମହାନ୍ତିଙ୍କୁ ଅସ୍ତରଙ୍ଗ ଥାନା ଏସ ଆଇ ଅନିରୁଦ୍ଧ ଜାଲ୍ଲୀ ପଚାରିବାରୁ ବ୍ୟବସାୟୀ କୃଷ୍ଣଚନ୍ଦ୍ର ମହାନ୍ତି କହିଥିଲେ ରାତି ୩ଟାରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ, ମୁଁ ପରିଶ୍ରା କରିବାକୁ ଉଠିଥିଲି, ଏହା ଦେଖି ନିଆଁ ଲିଭାଉଥିବା ବେଳେ ଶରୀର ଅନେକାଂଶ ପୋଡି ଯାଇଛି। ଏହି ଠାରେ ସାଧାରଣ ଜନତାଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଥିଲା ଯଦି ପ୍ରଭାତ ଙ୍କ ଦୋକାନ ଜଳିଯିବା ପ୍ରତିଦ୍ୱନ୍ଦୀ ବ୍ୟବସାୟୀ କୃଷ୍ଣଚନ୍ଦ୍ର ଦେଖିଥିଲେ କାହିଁକି କାହାକୁ ସୂଚନା ଦେଲେନି, ପୋଲିସ ପ୍ରାଥମିକ ସ୍ତରରେ ତଦନ୍ତ କରୁଥିବା ବେଳେ କାହିଁକି ଘଟଣା କୁ ନେଇ ଉତ୍ତର ରଖିନଥିଲେ, ଅନ୍ୟ ପଟେ ସିସିଟିଭି ଯାଞ୍ଚ କରିବାକୁ ପୋଲିସ ଚାହୁଁଥିବା ବେଳେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ସହଯୋଗ ପରିବର୍ତ୍ତେ ହାର୍ଡ ଡିକ୍ସ ଖୋଲି ଖସିଯାଉଥିଲେ। ଏହି ଘଟଣା ପରେ ଉତ୍ୟକ୍ତ ଲୋକେ ସନ୍ଦେହ ବ୍ୟକ୍ତି ସତ୍ୟ ମାନିବା ସହ ଦୋଷୀକୁ ତୁରନ୍ତ ଦଣ୍ଡ ଦେବାକୁ ଅଡ଼ି ବସିଥିବାବେଳେ ଉପସ୍ଥିତ ପୋଲିସ ଏସ ଆଇ ଅନିରୁଦ୍ଧ ଜାଲ୍ଲୀ ଓଏଏସଆଇ ପ୍ରଶାନ୍ତ ସାମନ୍ତରାୟ ପ୍ରତିଦ୍ୱନ୍ଦୀ ବ୍ୟବସାୟୀ କୃଷ୍ଣଚନ୍ଦ୍ର ମହାନ୍ତିଙ୍କୁ ଘରକୁ ପଠାଉଥିବା ବେଳେ ଉପସ୍ଥିତ ଲୋକେ ହୋ ହାଲ୍ଲା କରିଥିଲେ। ଏହି ସମୟରେ ହଠାତ ପ୍ରଭାତଙ୍କ ପ୍ରତିଦ୍ୱନ୍ଦୀ ବ୍ୟବସାୟୀ କୃଷ୍ଣଚନ୍ଦ୍ର ମହାନ୍ତି ଭୟରେ ଅସ୍ତରଙ୍ଗ ପୋଲିସ ଗାଡ଼ି ଭିତରେ ପ୍ରବେଶ କରି ବସିଯାଇଥିଲେ।ଏହି ଘଟଣାରେ ସନ୍ଦେହ କରି ପ୍ରତିଦ୍ୱନ୍ଦୀ ବ୍ୟବସାୟୀ କୃଷ୍ଣଚନ୍ଦ୍ର ମହାନ୍ତିଙ୍କୁ ଥାନା ଆଣିବାକୁ ପ୍ରୟାସ କରୁଥିବା ବେଳେ ଉପସ୍ଥିତ ଜନତା ସତ୍ୟାସତ୍ୟ ମାନୁ ବୋଲି ସନ୍ଦେହ ବ୍ୟକ୍ତି ଲୋକ ଦାବୀ କରିବା ସହ ପୋଲିସ କାହିଁକି ସିସିଟିଭି ହାର୍ଡଡିକ୍ସ ଦେଇ ସନ୍ଦେହ ବ୍ୟକ୍ତିକୁ ଖସାଇ ଦେଉଥିଲେ, ଯାହା ଉପସ୍ଥିତ ଜନତା ଉତ୍ୟକ୍ତ ହୋଇ ଅସ୍ତରଙ୍ଗ ପୋଲିସ ସହ ଯୁକ୍ତିତର୍କ ସହ ପୋଲିସ ଗାଡିକୁ ଅଟକ ରଖିଥିଲେ। ଦୀର୍ଘ ଏକ ଘଣ୍ଟାପରେ ନୂଆଗଡ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା, ଏ ଏସ ଆଇ ଯୁଧିଷ୍ଠିର ସାହୁ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାଇଥିଲେ। ସ୍ଥିତି ଜଟିଳ ହେବାରୁ କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁ, ଏସ ଆଇ ପ୍ରିୟଦର୍ଶନୀ ବରାଳ, ଏ ଏସ ଆଇ ପ୍ରମୋଦ ସେଠୀ ପହଂଚି ଉପସ୍ଥିତ ଲୋକଙ୍କୁ ବୁଝାଇବା ସହ ସ୍ଥାନୀୟ ଅଞ୍ଚଳ ଲୋକେ ଶାନ୍ତ ବାତାବରଣ ହେବାରୁ ପ୍ରତିଦ୍ୱନ୍ଦୀ ବ୍ୟବସାୟୀ କୃଷ୍ଣଚନ୍ଦ୍ର ମହାନ୍ତିଙ୍କୁ ଅସ୍ତରଙ୍ଗ ଥାନାକୁ ଆଣି ପଚରା ଉଚରା ସହ କୃଷ୍ଣଚନ୍ଦ୍ରଙ୍କ ଶରୀର ଅନେକାଂଶ ପୋଡି ଯାଇଥିବାରୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପ୍ରାଥମିକ ଚିକିତ୍ସା ପରେ ପୋଡି ଯାଇଥିବାରୁ ଅଟକ ବ୍ୟକ୍ତି ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ପୋଲିସ ସହାୟତାରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟ ପଟେ ଅସ୍ତରଙ୍ଗ ଥାନା କେଶ ନମ୍ବର ୯୫/୨୫ରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରୀ ରଖିଛି ପୋଲିସ ବୋଲି ଅସ୍ତରଙ୍ଗ ଥାନା ଏସ ଆଇ ଅନିରୁଦ୍ଧ ଜାଲ୍ଲୀ ସୂଚନା ଦେଇଛନ୍ତି।

ଗୋପରେ ଉଡିଲା ତ୍ରିରଙ୍ଗା

ସାମ୍ବାଦିକ ସଂଘ ପକ୍ଷରୁ ପରାକ୍ରମ ଶୋଭାଯାତ୍ରା

ନିମାପଡା(ଅମୃତ ମିଡିଆ): ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀଙ୍କ ବର୍ବରୋଚିତ ହତ୍ୟାକାଣ୍ଡ ପରେ ଆତଙ୍କବାଦୀଙ୍କ ଆଡାସ୍ଥଳୀ ଧ୍ୱଂସ କରିବା ପାଇଁ ଭାରତ ଆରମ୍ଭ କରିଥିଲା ଅପରେସନ ସିନ୍ଦୂର।ଭାରତର ତିନିସେନା ପକ୍ଷରୁ ମିଳିତ ଭାବେ ପାକିସ୍ତାନର ୯ଟି ଆତଙ୍କବାଦି ଆଡାସ୍ଥଳୀ ଧ୍ୱଂସ କରିବା ସହ ପାକିସ୍ତାନର ଏୟାର ବେଶ ଉପରେ ଜୋରଦାର ଆକ୍ରମଣ କରାଯାଇଥିଲା। ଯାହା ଭାରତୀୟ ବୀର ଯବାନଙ୍କ ପରାକ୍ରମ ଦେଖିବାକୁ ମିଳିଥିଲା। ସେମାନଙ୍କ ସାହାସିକତାକୁ ନେଇ ଆଜି ଗୋପ ସାମ୍ବାଦିକ ସଙ୍ଘ ପକ୍ଷରୁ କୁସୁପୁର ଠାରୁ ଗୋପ ବ୍ଲକ୍ ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ ସହିତ ଗୋପ ବ୍ଲକର ସମସ୍ତ ସାମ୍ବାଦିକଙ୍କ ସହ ବିଭିନ୍ନ ସାମାଜିକ ସଂଗଠନ ଯୋଗ ଦେଇଥିଲେ। ଦେଶବାସୀଙ୍କୁ ସୁରକ୍ଷା ଦେବା ସହ ପାକିସ୍ତାନର ଆତଙ୍କବାଦୀ ଅଡ୍ଡାକୁ ଧ୍ୱଂସକରି ବୀରତ୍ୱ ଏବଂ ସାହାସିକତା ପରାକ୍ରମ ଦେଖାଇବା ଯବାନଙ୍କ ଲାଗି ଆମେ ଗର୍ବିତ ଥିବା କହି ସମସ୍ତେ ସଲାମ କରିଥିଲେ। ଏହା ସହ ଭାରତ ମାତାର ଜୟଗାନ କରିଥିଲେ।ଏହି ଶୋଭାଯାତ୍ରାରେ ସମସ୍ତେ ହାତରେ ତ୍ରିରଙ୍ଗା ପତକା ଧରି ଭାରତ ମାତାର ସ୍ଲୋଗାନ ଦେଇ ଚାଲି ଚାଲି ବ୍ଲକ ପର୍ଯ୍ୟନ୍ତ ଏକ ପରିକ୍ରମା କରିଥିଲେ।

ପୁରୀ ଜିଲ୍ଲା ଟପ୍ପର ସୋହନ ଓ ସିଦ୍ଧାର୍ଥଙ୍କୁ ସମ୍ବର୍ଦ୍ଧନା

ପିପିଲି(ଅମୃତ ମିଡିଆ): ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ପୁରୀ ଜିଲ୍ଲା ଟପର ସୋହନ ଓ ସିଦ୍ଧାର୍ଥ ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ ର ଦୁଇ ଛାତ୍ର ସୋହନ ଓ ସିଦ୍ଧାର୍ଥ ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ପିପିଲି ନିଜିଗଡ଼କୁରୁଣ୍ଟି ସ୍ଥିତ ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ ର ଦୁଇ ଛାତ୍ର ସୋହନ ପ୍ରଧାନ ଓ ସିଦ୍ଧାର୍ଥ ପାଲଙ୍କ ସର୍ବୋଚ୍ଚ ନମ୍ବର ରଖି ପୁରୀ ଜିଲ୍ଲା ରେ ଉଭୟ ଟପ୍ପର ହୋଇ ସ୍କୁଲ ର ଗୌରବ ରଖିଛନ୍ତି । ସିବିଏସଇ ଦଶମ ରେ ପିପିଲି ର ସୋହନ ପ୍ରଧାନ ୯୮. ୮ ପ୍ରତିଶତ ନମ୍ବର ରଖି ଜିଲ୍ଲା ଟପର ହୋଇଥିବା ବେଳେ ଦ୍ୱାଦଶ ରେ ସିଦ୍ଧାର୍ଥ ପାଲଙ୍କ ମଧ୍ୟ ୯୬ ପ୍ରତିଶତ ନମ୍ବର ରଖି ଜିଲ୍ଲା ଟପର ହୋଇଛନ୍ତି । ଉଭୟ କୃତି ଛାତ୍ର ଙ୍କୁ ଆଜି ଉକ୍ତ ସ୍କୁଲ ରେ ସମ୍ବର୍ଦ୍ଧନା ଦିଆଯାଇଛି । ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ ର ପ୍ରିନ୍ସିପାଲ ଲକ୍ଷ୍ମୀ ନାରାୟଣ ଦାଶ ଉଭୟଙ୍କୁ ପୁଷ୍ପଗୁଚ୍ଛ ଦେଇ ମିଠା ଖୁଆଇ ସମ୍ବର୍ଦ୍ଧିତ କରିଛନ୍ତି । ଉଭୟ ସ୍କୁଲ ପାଇଁ ଗୌରବ ଆଣିଥିବା ବେଳେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି । ତେବେ ସ୍କୁଲ ରେ ବିନା କୋ ?ଣସି କୋଚିଂ ରେ ଛାତ୍ର ଛାତ୍ରୀ ମାନେ ଏଭଳି ଭଲ ରେଜଲ୍ଟ କରିଥାନ୍ତି, ସ୍ୱତନ୍ତ୍ର ଗାଇଡାନ୍ସ ଓ ସୃଙ୍ଖଳିତ ଅଧ୍ୟୟନ ଛାତ୍ରଛାତ୍ରୀ ଙ୍କ ପାଠପଢାର ଏଭଳି ସଫଳତା ହାସଲ ହୋଇଥିବା କହିଛନ୍ତି ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ ର ପ୍ରିନ୍ସିପାଲ । ତେବେ ଏହି ଦୁଇ ଛାତ୍ର ଆଜି ପିପିଲି ଅଞ୍ଚଳ ପାଇଁ ଗୌରବ ଆଣିଥିବା ବେଳେ ସ୍କୁଲ ପାଇଁ ମଧ୍ୟ ହୋଇଛନ୍ତି ଗର୍ବ ଗୌରବ ବୋଲି କହିଛନ୍ତି ସ୍କୁଲ ପ୍ରିନ୍ସିପାଲ ଲକ୍ଷ୍ମୀ ନାରାୟଣ ଦାଶ । ତେବେ ଉଭୟଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ସ୍କୁଲ ର ମେଣ୍ଟର ଡଫନି ଅଙ୍ଗର ଓ ଅଡମିନ ଅଫିସର ଏନ ସାହୁ ମଧ୍ୟ ଉଭୟଙ୍କୁ ମିଠା ଖୁଆଇ ବହୁ ପ୍ରଶଂସା କରିବା ସହ ଆଗାମୀ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ସଫଳତା ନେଇ ଟପ୍ପର ଛାତ୍ର ସିଦ୍ଧାର୍ଥ ପାଲଙ୍କଙ୍କ ବାପା ପି.ବି. ରବି କୁମାର ଓ ମାଆ ମାଧବୀ ପାଲଙ୍କଙ୍କ ସହ ସୋହନ ଙ୍କ ବାପା ମା ପ୍ରକାଶ ପ୍ରଧାନ ଓ କଲ୍ୟାଣୀ ପ୍ରଧାନ ମଧ୍ୟ ସ୍କୁଲ କୁ ବହୁ ପ୍ରଶଂସା କରିଥିଲେ। ଭବିଷ୍ୟତରେ ଜଣେ ଭଲ ମଣିଷଟିଏ ହୋଇ ସମାଜ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି ।

ସରକାରୀ ଜମିକୁ ଜବରଦଖଲ କଲେ ସରକାରୀ କର୍ମଚାରୀ

ବେଆଇନ ଗୃହ ନିର୍ମାଣ, ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

କୋଣାର୍କ(ଅମୃତ ମିଡିଆ): କୋଣାର୍କ ଥାନା ଅନ୍ତର୍ଗତ କାକଟପୁର ତହସିଲ ଅଧିନସ୍ତ ଚିତ୍ରେଶ୍ୱରୀ ରାଜସ୍ୱ ସର୍କଲ ଅଧୀନ କୁଞ୍ଜ ମୌଜାର ସରକାରୀ ଜମିରେ ବେଆଇନ ଗୃହ ନିର୍ମାଣ ଜାରି ରହିଛି। ରାସ୍ତା କଡ଼ରେ ଏପରି ବେଆଇନ୍ ନିର୍ମାଣ ଚାଲୁଥିବା ବେଳେ ତହସିଲ ପ୍ରଶାସନ ସବୁ ଦେଖି ଚୁପ୍ ରହିବା ସନ୍ଦେହ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ କେତେକ ସରକାରୀ କର୍ମଚାରୀ ଓ ପ୍ରଭାବଶାଳୀ ଲୋକମାନେ ସରକାରୀ ଅନାବାଦୀ ଜମିକୁ ଗୁଣ୍ଠ ପିଛା

୨/୩ ଲକ୍ଷ ଟଙ୍କାରେ କିଣି ବେଆଇନ୍ ଭାବେ ଗୃହ ନିର୍ମାଣ କରୁଛନ୍ତି। ଏନେଇ କୁଞ୍ଜ ମୌଜାର କିଛି ବ୍ୟକ୍ତି ତହସିଲ ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରିବା ଦେଖିବାକୁ ମିଳୁନାହିଁ। ବରଂ ଦିନକୁ ଦିନ ଗୃହ ନିର୍ମାଣ ବଢ଼ି ଚାଲିଥିବା ଦେଖିବାକୁ ମିଳିଛି। ଗୋପ ବ୍ଲକରେ ଜଣେ ସରକାରୀ ଚାକିରୀ କରିଥିବା ବ୍ୟକ୍ତି ନିଜର ପିସି ଓ କଳାଧନ ସାହାଯ୍ୟରେ ଚଢ଼ା ଦରରେ ସରକାରୀ ଜମି କିଣି ଗୃହ ନିର୍ମାଣ କରୁଥିବା ସ୍ଥାନୀୟ ଜନସାଧାରଣ ନିଜ ନାମ ଗୋପନ ରଖି ଜଣାଇଛନ୍ତି। ଏନେଇ କାକଟପୁର ତହସିଲ ପ୍ରଶାସନ ଓ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

କମଳା ଦେବୀ ମାତୃ ମଙ୍ଗଳ ସହରାଞ୍ଚଳ ଡାକ୍ତରଖାନାରେ ସତର୍କ ଓ ସଚେତନତାମୂଳକ ସଭା

ପୁରୀ (ବ୍ୟୁରୋ) : ଜାତୀୟ ଡେଙ୍ଗୁ ଦିବସ ଅବସରରେ , କମଳା ଦେବୀ ମାତୃ ମଙ୍ଗଳ ସହରାଞ୍ଚଳ ଡାକ୍ତରଖାନାର ସଭାଗୃହରେ , ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡାକ୍ତର ବିନୋଦ ବିହାରୀ ରଥଙ୍କ ଅଧ୍ୟକ୍ଷତାରେ ଏକ ସତର୍କ ଓ ସଚେତନତା ମୂଳକ ସଭା ପୁରୀ ସଦର ର ମହିଳା ସ୍ୱାସ୍ଥ୍ୟକର୍ମୀ ଏବଂ ଆଶାକର୍ମୀ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଡେଙ୍ଗୁ ଦିବସ ପାଳନର ପ୍ରକୃତ ଉଦେଶ୍ୟ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସଚେତନତା କାର୍ଯ୍ୟକ୍ରମକୁ କିପରି ତ୍ୱରାନିତ କରାଯିବ, ଘରକୁ ଘର ପରିଦର୍ଶନ କରାଯିବ ଏବଂ ସରକାରୀ ସ୍ତରରେ ମିଳୁଥିବା ସୁବିଧା ସୁଯୋଗ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଡାକ୍ତର ରଥ ସମସ୍ତଙ୍କୁ ଉଦବୋଧନ ଦେଇ କହିଥିଲେ ଏହି ଡେଙ୍ଗୁରୋଗ ନିମନ୍ତେ କୌଣସି ଟୀକା ନାହିଁ ଏବଂ ସଠିକ୍ ଔଷଧ ମଧ୍ୟ ଏଯାଏଁ ଉପଲବ୍ଧ ନାହିଁ ।ତେଣୁ ସଚେତନା ଓ ସରକାରୀ ନିୟମାବଳୀକୁ ମାନି ଚାଲିଲେ ଅନେକାଂଶରେ ଆମେ ଡେଙ୍ଗୁ ରୋଗ ଠାରୁ ଦୂରେଇ ରହି ପାରିବା। ଏହି ସଭାରେ ହେମସାଗର ସାହୁ (ଜିଲ୍ଲା ଭେକ୍ଟର ବାହିତ ରୋଗର ପରାମର୍ଶ ଦାତା), ବିଜନ୍ କୁମାର ପାତ୍ର (କିଟତତ୍ୱ ବିଶାରଦ), ରବୀନ୍ଦ୍ର କୁମାର ପ୍ରଧାନ (ଜିଲ୍ଲା ଜନସ୍ୱାସ୍ଥ୍ୟ ଓ ସଂଚାର ଅଧିକାରୀ), ଅଶୋକ କୁମାର ସାହୁ (ସହ ପରିଚାଳକ-ଆଶା), ଜିଲ୍ଲା ଭେକ୍ଟର ବାହିତ ରୋଗ କାର୍ଯ୍ୟନିର୍ବାହ ଗୃହର ସମସ୍ତ କର୍ମକର୍ତା ଏବଂ ସହରାଞ୍ଚଳ ଡାକ୍ତରଖାନାର ସମସ୍ତ କର୍ମକର୍ତାଙ୍କ ଉପସ୍ଥିତିରେ କିପରି ଆମେ ଡେଙ୍ଗୁ ରୋଗର ନିରାକରଣ କରିପାରିବା, କଣ ସବୁ ପଦକ୍ଷେପ ନେଲେ ଆମେ ଆମ ନିଜ ସହ ଆମ ଚତୁପାର୍ଶ୍ୱକୁ ସୁରକ୍ଷିତ ରଖିବା ସେ ବିଷୟରେ ଆଲୋଚନା କରାଯାଇଥିଲା। ପରିଶେଷରେ ମନୋଜ କୁମାର ପଣ୍ଡା (ସହ-ପରିଚାଳକ) ସଭା ପରିଚାଳନା ଓ ଧନ୍ୟବାଦ ଦେଇଥିଲେ ।

ଆଫ୍‌ସା ପକ୍ଷରୁ ବେଳାଭୂମି ସଫେଇ କାର୍ଯ୍ୟକ୍ରମ

ପୁରୀ (ବ୍ୟୁରୋ) : ଓଡ଼ିଶାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଆର୍ଯ୍ୟାଲେକ୍ସ ଫାଉଣ୍ଡେସନ ଫର ସୋସିଆଲ ଆକ୍ଟିଭିଟିଜ୍ (ଆଫସା) ଜିଲ୍ଲା ପ୍ରଶାସନ ସହାୟତାରେ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ୪୦ରୁ ଉର୍ଦ୍ଧ ଗ୍ରୀନଭୋକେଟସ୍ ମାନେ ସାମିଲ ହୋଇ ଦିଗବାରେଣୀ ଠାରୁ ଚୈତନ୍ୟ ଛକ ପର୍ଯ୍ୟନ୍ତ ବେଳାଭୂମିକୁ ସଫେଇ କରିଥିଲେ । ଏହି ସମୟରେ ପର୍ଯ୍ୟଟକ ଓ ବ୍ୟବସାୟୀମାନଙ୍କୁ ପରିବେଶ ସୁରକ୍ଷା ଓ ପର୍ଯ୍ୟଟନସ୍ଥଳୀର ଗାରିମାକୁ କ୍ଷୁଣ୍ଣ ନ କରିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ଶ୍ରୀ ଦାସ କହିଥିଲେ, ଢେଙ୍କାନାଳ ଜିଲ୍ଲାର ସପ୍ତଶଯ୍ୟା ଓଡ଼ିଶା ଐତିହ୍ୟ ମାନଚିତ୍ରର ଏକ ବିଶେଷ ମହତ୍ତ୍ୱ ବହନ କରୁଥିବା ପର୍ଯ୍ୟଟନସ୍ଥଳରୁ ଆରମ୍ଭ ହୋଇଥିଲା ଏହି ସଫେଇ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠାନ ପକ୍ଷରୁ ପୁରୀ ବେଳାଭୂମିକୁ ପରିଷ୍କାର କରାଯାଇଛି। ଅନୁଷ୍ଠାନର ଉଦ୍ଦେଶ୍ୟ 'ଆମ ପର୍ଯ୍ୟଟନସ୍ଥଳୀ ଆମ ବିଭବ, ସ୍ୱଚ୍ଛ ରଖି ତାକୁ ଦେବା ଗୌରବ'।

ପରିବେଶ ବିଗାଡୁଛି ଥର୍ମୋକୋଲ ପ୍ଲେଟ

:-ସ୍ୱାସ୍ଥ୍ୟ ପ୍ରତି ବିପଦପୂର୍ଣ୍ଣ, ବଢ଼ାଉଛି ମୃର୍ତ୍ତିକା ପ୍ରଦୂଷଣ
:-ବ୍ୟବହାରରେ ଲାଗୁନି ରୋକ
:- ବିଭିନ୍ନ ଠେଲା ଦୋକାନରେ ବହୁଳ ବ୍ୟବହାର

ଅସ୍ତରଙ୍ଗ(ଅମୃତ ମିଡିଆ): ଏବେ ବିବାହ, ବ୍ରତ ଋତୁ ଚାଲିଛି। ଭୋଜି ଭାତ ଆସର ଜମୁଛି। ଅଧିକାଂଶ ଭୋଜିରେ ଥର୍ମୋକୋଲ ପ୍ଲେଟ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। ଖାଲି ସେତିକି ନୁହେଁ, ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ ରାସ୍ତା କଡ଼ରେ ବହୁ ଜଳଖିଆ ଦୋକାନରେ ଏହି ପ୍ଲେଟ, ଠୁଙ୍ଗା ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି। ଠୋଲା ଠୁ ଆରମ୍ଭ କରି ବଡ଼ ବଡ଼ ହୋଟେଲରେ ମଧ୍ୟ ଏହି ପ୍ଲେଟ ଓ ଠୋଲାରେ ଖାଦ୍ୟ ପରସା ଯାଉଛି। ପରିବେଶକୁ ବିଗାଡିବାରେ ଏହା ପ୍ରମୁଖ ଭୂମିକା ନିର୍ବାହ କରୁଥିଲେ ମଧ୍ୟ ଏଥି ପ୍ରତି ପ୍ରଦୂଷଣ ବିଭାଗ, ଖାଦ୍ୟ ନିରାପତ୍ତା ବିଭାଗ କିମ୍ବା ପ୍ରଶାସନ ସେତେଟା ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ଥର୍ମୋକୋଲ ପ୍ଲେଟ ଓ ଠୋଲା ବ୍ୟବହାରରେ ରୋକ ଲଗାଇବା ପାଇଁ ସମାଜସେବୀ ତଥା ଅସ୍ତରଙ୍ଗ ଅଞ୍ଚଳ ବରିଷ୍ଠ ସାମ୍ବାଦିକ ବିଜୟ ବେହେରା ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲାପ୍ରଶାସନ ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନା ମୁତାବକ, ପଲିଷ୍ଟାଇରିନି ତିଆରିରେ ବ୍ୟବହୃତ ଷ୍ଟାଇରିନ ଏବଂ ବେଞ୍ଜିନ ମାରାତ୍ମକ କର୍କଟ ରୋଗ ସୃଷ୍ଟି କରିବାରେ ସାହାଯ୍ୟ କରାଏ। ଯେତେବେଳେ ଗରମ ଖାଦ୍ୟ କିମ୍ବା ପାନୀୟ ଥର୍ମୋକୋଲ ପ୍ଲେଟ ଉପରେ ପରସା ଯାଏ, ସେଥିରୁ ନିର୍ଗତ ରାସାୟନିକ ପଦାର୍ଥ ଖାଦ୍ୟ ସହ ମିଶେ। ଦୀର୍ଘ ସମୟ ଧରି କିମ୍ବା ନିୟମିତ ଭାବରେ

ଷ୍ଟାଇରିନି ସହିତ ସମ୍ପର୍କରେ ଆସିବା ଦ୍ୱାରା ସ୍ନାୟୁ ପ୍ରଭାବିତ ହୁଏ। ଫଳରେ ଥକାପଣ ଓ ମୁଣ୍ଡବିନ୍ଧା ସୃଷ୍ଟି ହୁଏ। ଦୀର୍ଘ କାଳୀନ ସଂସ୍ପର୍ଶ ସହିତ ଯକୃତ ଏବଂ ବୃକକ ଉପରେ ପ୍ରଭାବ ପକାଏ। ଏହା ପରିବେଶ ପ୍ରଦୂଷଣରେ ମଧ୍ୟ ସାହାର୍ଯ୍ୟ କରେ। ବିଶେଷ କରି ଜଳାଶୟ ଗୁଡିକରେ ପଡିବା ଦ୍ୱାରା ଜଳ ପ୍ରଦୂଷିତ ହୁଏ। ଥର୍ମୋ କୋଲ ଜାଳିବା ଦ୍ୱାରା କାର୍ବନ ମନୋଅକ୍ସାଇଡ ଏବଂ ଷ୍ଟାଇରିନ ଗ୍ୟାସ ସମେତ ବିଷାକ୍ତ ଧୂଆଁ ନିର୍ଗତ ହୁଏ। ଯାହା ବାୟୁ ମଣ୍ଡଳ ପାଇଁ ବହୁଳ ଭାବେ କ୍ଷତିକାରକ। ଥର୍ମୋକୋଲ ଜୈବ ବିଘଟନଶୀଳ ନୁହେଁ। ଏହାର ପୁନଃଚକ୍ରଣ କରିବା କଷ୍ଟକର। ଏଣୁ ମୃର୍ତ୍ତିକା ବହୁଳ ମାତ୍ରାରେ ଏଥିଯୋଗୁଁ ପ୍ରଦୂଷିତ ହେବାରେ ଲାଗିଛି। ବ୍ୟବସାୟୀ ମାନଙ୍କୁ ସୁବିଧା ହେଉବେଳେ ଗ୍ରାହକ ଙ୍କ ପାଇଁ କେତେ ଯେ ବିପଦ ଆଣୁଛି ସେଥିପ୍ରତି ସେମାନେ ସଚେତନ ନୁହନ୍ତି। କିନ୍ତୁ ସବୁ ସତ୍ୱେ ବି ଏହାର ଚାହିଦା କମିବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଛି। ପଲିଷ୍ଟାଇରିନ (ପେଟ୍ରୋଲିୟମ ଆଧାରିତ ପ୍ଲାଷ୍ଟିକ)ରୁ ତିଆରି ଥର୍ମୋକୋଲ ପ୍ଲେଟ ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ ବୋଲି ସବୁ ଜାଣିଥିଲେ ମଧ୍ୟ ଏହା ବନ୍ଦ ହେଉନାହିଁ। ଏହା ପରିବର୍ତ୍ତେ କାଗଜ କିମ୍ବା ପତ୍ର ଆଧାରିତ ସାମଗ୍ରୀ ବ୍ୟବହାର କରାଗଲେ ପରିବେଶ ସହ ସ୍ୱାସ୍ଥ୍ୟ ସମ୍ପଦ ସୁରକ୍ଷିତ ରହି ପାରନ୍ତା ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି। ପ୍ରଶାସନ ତୁରନ୍ତ ଅସ୍ତରଙ୍ଗ ଅଞ୍ଚଳରେ ଯାଞ୍ଚ କରି ଏହି ପ୍ଲେଟ ଓ ସୋଲ ଠୋଲା ବ୍ୟବହାର ରେ ରୋକ ଲଗାଉ ବୋଲି ଦାବୀ ହୋଇଛି।

ତିନି ରଥର ଦୁଇଟି ଲେଖାଏଁ ନାହାକା ଚକ ନିର୍ମାଣ ଶେଷ

ପୁରୀ (ବ୍ୟୁରୋ) : ଗତକାଲି ତିନି ରଥର ନାହାକା ଚକ ପ୍ରସ୍ତୁତ ପାଇଁ ପଇ ବିନ୍ଧ ଅନୁକୂଳ ସହ ନାହାକା ତୁମ୍ବରେ ପନ୍ଦାରିବାଲା ଲାଗି ହୋଇଥିଲା। ତୁମ୍ବରେ ପଇ ବିନ୍ଧା ଅନୁକୂଳ ହୋଇ ତିନି ରଥର ଦୁଇଟି ଲେଖାଏଁ ଚକର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ଆଜି ତିନି ରଥର ଦୁଇଟି ଲେଖାଏଁ ନାହାକା ଚକ ନିର୍ମାଣ ଶେଷ ହୋଇ ତିନି ରଥର ତୃତୀୟ ଓ ଚତୁର୍ଥ ଚକରେ ପଇ ସଂଯୋଗ ହୋଇଥିଲା। ପଇ କଳସା କାର୍ଯ୍ୟ (ପଇ, ପଇକୁ ବାନ୍ଧି ରଖିବା ପାଇଁ ପଇ ସଂଯୋଗ ସ୍ଥଳରେ କାପ ବା ଘାଟି ନିର୍ମାଣ କାର୍ଯ୍ୟ) ଶେଷ ହୋଇ ତୁମ୍ବରେ ଅଖବିନ୍ଧ ଖୋଳା ବା ଠେକ ତୁଳିଆ କାର୍ଯ୍ୟ ଜାରି ରହିଛି। ଏଥି ସହ ତିନି ରଥର ପଞ୍ଚମ ଓ ଷଷ୍ଠ ଚକ ନିର୍ମାଣ ପାଇଁ ଯନ୍ତା ଗାଡ଼ଠାରେ ଭୋଇ ସେବକଙ୍କ ଦ୍ୱାରା ସିଙ୍ଗଡ଼ା ବାଡ଼ିଆ ଶେଷ ପରେ (ତୁମ୍ବରେ ଅର ସଂଯୋଗ ହୋଇ କଣ୍ଢା ବାଡ଼ିଆ କାର୍ଯ୍ୟ) ତିନିରଥର ମହାରଣା ସେବକମାନେ ବଳକା ପଇ କାଟି ଅର ମୁଖର ସାଲ କାର୍ଯ୍ୟ ଶେଷ କରିଛନ୍ତି। ରୂପକାର ଚାଳିରେ ତିନିରଥର ରୂପକାର ସେବକମାନେ ତିନି ରଥର କୋଣଗୁଜ ବା ସାଲ ଗୁଜରେ ବିରଳ ସିଂହ ରୂପ ଖୋଦେଇ ଜାରି ରଖିଛନ୍ତି।

ସେପଟେ ଦୋଳ ବେଦି ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନି ରଥର ନାହାକା ଚକର ଆବଶ୍ୟକ ଅର କଣ୍ଟା ସହ ପନ୍ଦାରି ଓ ତୁମ୍ବ ବାହ୍ୟ ବଳା ରଥଖଳାକୁ ଯୋଗାଇଛନ୍ତି। ବାକି ଚକଗୁଡ଼ିକ ପାଇଁ ପନ୍ଦାରି ଏବଂ ତୁମ୍ବ ବଳା, ଅର କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ମହାରଣା, ଭୋଇ, କରତୀ, କମାର, ରୂପକାର, ତୁମ୍ବବିନ୍ଧ କାରିଗରଙ୍କ ସମେତ ରଥଖଳା ସହାୟକ ଏଭଳି ୧୮୬ ଜଣ ରଥ ନିର୍ମାଣ କାମରେ ଲାଗି ପଡ଼ିଛନ୍ତି।